# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୦୬/୨୪**

**ଜିଲ୍ଲା-ବାଲେଶ୍ୱର**

**ତା.୧୯.୦୧.୨୦୨୪**

**ପାଣିପାଗ ପୂର୍ବାନୁମାନ (ତା.୨୪.୦୧.୨୦୨୪ ପର୍ଯ୍ୟନ୍ତ )-:** ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ, ଜିଲ୍ଲାରେ ୪ ଦିନ ପର୍ଯ୍ୟନ୍ତ ଅତି ହାଲୁକାରୁ ହାଲୁକା ବର୍ଷା ହେବା ସହ ୨୧ ତାରିଖରେ ଶୁଖିଲା ପାଗ ସହ ଆକାଶ ମେଘୁଆ ରହିବାର ସମ୍ଭାବନା ଅଛି l ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୦୮-୧୦ କିଲୋମିଟର ରହିବା ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୨୫-୨୭ଡିଗ୍ରୀ ସେଲସିୟସ ଏବଂ ସର୍ବନିମ୍ନ ତାପମାତ୍ରା ୧୬-୧୮ ଡିଗ୍ରୀ ସେଲସିୟସ ରହିବା

**ପାଣିପାଗଭିତ୍ତିକ କୃଷି ଉପଦେଶ**

- ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଅତି ହାଲୁକାରୁ ହାଲୁକା ବୃଷ୍ଟିପାତ ହେବାର ସମ୍ଭାବନା ଅଛି, କୃଷକମାନଙ୍କୁ କୌଣସି ପ୍ରକାରର ସ୍ପ୍ରେ ଅପରେସନକୁ ସ୍ଥଗିତ କରିବା ପାଇଁ ପରାମର୍ଶ ଦିଆଯାଇଛି |

**ଖରିଫ ଧାନ**

- ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପୋଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ ।
- ଯଦି ଗଚ୍ଛିତ ଶସ୍ୟ ସଂକ୍ରମଣ ହୁଏ , ତେବେ ଆଲୁମିନିୟମ୍ ଫସଫାଇଡ୍ ଟାବଲେଟ୍ @ 3 ଟାବଲେଟ୍ / ଟନ୍ ଧାନକୁ ଯଥେଷ୍ଟ ବାୟୁ ଟାଇଟ୍ ପାତ୍ରରେ ବ୍ୟବହାର କରି କିମ୍ବା ଫାଙ୍କ ନ ରଖି ମୋଟା ଟାରପାଉଲିନ୍ ଦ୍ୱାରା ଘୋଡାଇ ନିଅନ୍ତୁ | ଟ୍ୟାବଲେଟଗୁଡ଼ିକୁ ଷ୍ଟାକରେ ରଖିବା ପୂର୍ବରୁ ସୂତା ଥଳିରେ ଗୁଡ଼ାଇ ରଖିବା ଉଚିତ, ଯାହା ଫ୍ୟୁମିଗେସନ୍ ସମାପ୍ତ କରିବା ପରେ ଅବଶିଷ୍ଟାଂଶକୁ ପରିତ୍ୟାଗ କରିବାରେ ସାହାଯ୍ୟ କରେ |

**ଖରାଟିଆ ଧାନ**

- ଧାନ ବିହନକୁ ବିଶୋଧନ କରି ( ୧ କେଜି ବିହନ ପ୍ରତି ୨ ଗ୍ରାମ କାରବେଣ୍ଡାଜିମ ବା କାରବୋକ୍ସିନ + ଥିରାମ ) ତଳି ପ୍ରସ୍ତୁତ କରନ୍ତୁ ।

**ମୁଗ ଓ ବିରି**

- ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି 5 ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।
- ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ , ୨୦ ଗ୍ରାମ ରାଇଜୋବିୟମ ଜୀବାଣୁକଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମି ରେ ବୁଣନ୍ତୁ। ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ ।
- ଶେଷ ଓଡ ଚାଷ ସମୟସର ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିୟା ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।

**ସୋରିଷ/ତୋରିଆ-**

- ୧୫-୨୦ ଦିନ ବେଳକୁ ଅଧିକ ଗଛ ଅପଡି ପତଳା କରି ଦିଅନ୍ତୁ। ଗଛ ୨୦-୨୫ ଦିନର ହୋଇଗଲେ କୋଡାଖୋଷା କରି ଅନାବନା ଘାସ ବାଛି ୫୦% ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ଜମିରେ ଜଉ ପୋକ ଦେଖାଦେଇପାରେ, ଡମାନ କରିବା ପାଇଁ ପ୍ରତି ଲିଟର ପାଣି ରେ ୧.୫ ମି.ଲି. ଡାଇମମମଥାଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାମଳାପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।
- ଫସଲରେ ପତ୍ରଛଦା ଓ ଧୂଆଁପତ୍ର ଗୋଟି ପୋକ ଆକ୍ରମଣ ପରିଲକ୍ଷିତ ହେଲେ ଏମାମେକ୍ଟିନ ବେଞ୍ଜୋଏଟ ଲିଟର ପାଣି ପ୍ରତି ୦.୪ ଗ୍ରାମ କିମ୍ବା ୮୦ ଗ୍ରାମ ପ୍ରତି ଏକର ପ୍ରୟୋଗ କରନ୍ତୁ । ଜଉ ପୋକର ପ୍ରାଦୁର୍ଭାବ ଅଧିକ ହେଲେ ୧ ଲିଟର ପାଣି ପ୍ରତି ୦.୩ ଗ୍ରାମ ଫ୍ଲୋନିକନିଡ ପତ୍ର ସିଂଚନ କରନ୍ତୁ ।

**ପନିପରିବା-**

- **କୋବି ଜାତୀୟ ପନିପରିବା** : କୋବିଜାତୀୟ ପନିପରିବା ଫସଲେର ଆଲଟରନରିଆ ପତ୍ର ଦାଗ ରୋଗର ପରିଚାଳନା ପାଇ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା Carbendazim ଓ Mancozeb ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିର ମିଶାଇ ସିଂଚନ କରନ୍ତୁ।
- କୋବି ଫସଲ ରେ ନିମ୍ନମୁଖି ପତ୍ରପୋଡା ରୋଗ ଦେଖାଗଲେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପଟାଶ ସାର ଏକର ପ୍ରତି 10kg ପ୍ରୟୋଗ କରନ୍ତୁ କିମ୍ବା ( Metalaxyl 4%+Mancozeb )64%WP (Ridomil gold) lit ପ୍ରତି 2.5gm କିମ୍ବା Tebuconazole 50%+Trifloxastrobin 25%WG (NATIVO) lit ପ୍ରତି 0.5gm ହିସାବରେ ସ୍ପ୍ରେ କରନ୍ତୁ। ୭ ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ।
- **ବାଇଗଣ ଓ ଟମାଟ :**
- ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।
- ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ପତ୍ରପୋଡା ରୋଗର ଦମନ ପାଇଁ ଏକର ପ୍ରତି ୧ ଲିଟର ପାଣିରେ ୨ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୦.୮ ମି.ଲି. ଅଯୋକ୍ସିଷ୍ଟ୍ରୋବିନ ସିଂଚନ କରନ୍ତୁ ।
- ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।
- ବିଲାତି ବାଇଗଣ ଓ କୋବି ଜାତୀୟ ଫସଲରେ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୩୦୦ ମି.ଲି. ଲମ୍ବଡା ସାଇହାଲୋଥ୍ରୀନକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଗେଣ୍ଡୁ ଫୁଲ –**

- ଥ୍ରିପ୍ସ, ଆପିଡସ୍, ମାଇଟ୍ସ ଏବଂ ଲିଫ୍ ମାଇନୋରର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ Difenthurion @ 1g / li କିମ୍ବା ଆବାମେକ୍ଟିନ୍ @ 0.75ml / li ପାଣିରେ ମିଶାଇ ଫସଲକୁ ସ୍ପ୍ରେ କରନ୍ତୁ |
- ଅଷ୍ଟପଦୀ ଆକ୍ରମଣ ଦୃଷ୍ଟିଗୋଚର ହେଲେ ୧ ଲିଟର ପାଣି ପ୍ରତି ୨ ମିଲି ପ୍ରୋପାରୋଜାଇଟକୁ ପତ୍ର ସିଂଚନ କରନ୍ତୁ ।
- ପତ୍ର ପୋଡା ରୋଗ ପରିଲିଖିତ ହେଲେ ୧ ଲିଟର ପାଣି ପ୍ରତି ୨ ଗ୍ରାମ (କାରବେଣ୍ଡାଜିମ +ମାଙ୍କୋଜେବ) କୁ ପ୍ରୋୟାଗ କରନ୍ତୁ ।

**ଫଳ –**

- ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ।
- କଦଳୀ- ସିଗାଟୋକା ଲିଫ ସ୍ପଟ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।

**ମାଛ ଚାଷ**

- ପୋଖରୀରୁ ଅନାବନା ଘାସ, ଶିକାରୀ ଓ ଅଦରକାରୀ ଚୂନା ମାଛ ନଷ୍ଟ କରି ଏକର ପ୍ରତି ୧୦୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।

**ପଶୁପାଳନ**

ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ପଶୁମାନଙ୍କର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୀତଋତୁରେ ଦୈନିକ ରାସନରେ ଗହମ ଶସ୍ୟ, ଗୁଡ଼ ଇତ୍ୟାଦି 10%-20% ପ୍ରଦାନ କରନ୍ତୁ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)